# ସମନ୍ୱିତ ଶିଶୁବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ ,ଦାରିଙ୍ଗବାଡି

**ବିଜ୍ଞାପନ ସଂଖ୍ୟା. ୧୦୫୬ / ତା ୧୨.୦୮.୨୦୨୬**

ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସମନ୍ୱିତ ଶିଶୁବିକାଶ ଯୋଜନା ପ୍ରକଳ୍ପ, ଦାରିଙ୍ଗବାଡି ଅଧିନସ୍ଥ, ପ୍ଲିହେରୀ-୧ ଅଙ୍ଗନୱାଡି କେନ୍ଦ୍ରରେ ଖାଲି ପଡିଥିବା ଅଙ୍ଗନୱାଡି ସହାୟିକା (AWH) ପଦବୀ ପୂରଣପାଇଁ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶା ସରକାର , ଭୁବନେଶ୍ୱରଙ୍କ ଅଙ୍ଗନୱାଡି କର୍ମୀ /ସହାୟିକା ଚୟନ ନିର୍ଦ୍ଦେଶାବଳୀ ସଂଖ୍ୟା ୪୯୭୦ ତା ୧୫.୦୩.୨୦୨୩ , ସଂଖ୍ୟା ୫୫୬୪ ତା ୦୭.୦୩.୨୦୨୪ , ସଂଖ୍ୟା ୧୫୦୧୫ ତା୧୫.୦୭.୨୦୨୪ ଏବଂ ସଂଖ୍ୟା ୧୩୪୭୯ ତା ୦୩.୦୬.୨୦୨୫ରିଖ ଏବଂ ସଂଖ୍ୟା ୪୫୯୭ ତା୨୩.୦୨.୨୦୨୬ ରିଖ ପ୍ରକାରେ ସମ୍ପୃକ୍ତ ଅଞ୍ଚଳର ଅନୁସୂଚିତ ଜନ ଜାତି (ST) / ଅନୁସୂଚିତ ଜାତି (SC) ମହିଳା (Female) ପ୍ରାର୍ଥିନୀ ମାନଙ୍କ ଠାରୁ Online ଜରିଆରେ ଅଙ୍ଗନୱାଡି ସହାୟିକା (AWH) ପଦବୀ ପୂରଣ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଣୁ ଇଚ୍ଛୁକ ଅନୁସୂଚିତ ଜନ ଜାତି (ST)/ ଅନୁସୂଚିତ ଜାତି (SC) ମହିଳା ପ୍ରାର୍ଥିନୀ ମାନେ ଅଙ୍ଗନୱାଡି ସହାୟିକା (AWH) ପଦବୀ ନିମନ୍ତେ ନିର୍ଦ୍ଧାରିତ online (http://engagement-awc.odisha.gov.in/landing ୱେବ ସାଇଟ ମାଧ୍ୟମରେ (public login କରି) ନିମ୍ନ ସ୍ୱାକ୍ଷରକାରୀଙ୍କୁ ତା ୧୪.୦୮.୨୦୨୬ ରିଖ ଠାରୁ ୨୮.୦୮.୨୦୨୬ ରିଖ ମଧ୍ୟରେ ଆବେଦନ କରିପାରିବେ । ଏହି ପଦବି ପାଇଁ online ଆବେଦନ ବ୍ୟତୀତ ଅନ୍ୟ କୌଣସି ପ୍ରକାର ଆବେଦନକୁ ଗ୍ରହଣ କରାଯିବ ନାହିଁ । ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

| କ୍ରଂ ନଂ | ଗ୍ରାମପଞ୍ଚାୟତ ନାମ | ଅଙ୍ଗନୱାଡି କେନ୍ଦ୍ରର ନାମ | ସମ୍ପୃକ୍ତ ଅଞ୍ଚଳ | ସଂରକ୍ଷିତ ପାର୍ଥୀ | କେନ୍ଦ୍ରାଞ୍ଚଳର ଜାତିଭିତିକ ଜନସଂଖ୍ୟା (କେନ୍ଦ୍ରର ସର୍ଭେ ପ୍ରକାରେ )ST= , SC= , OBC= |
|---|---|---|---|---|---|
| ୧ | ପ୍ଲିହେରୀ | ପ୍ଲିହେରୀ -୧ | ପ୍ଲିହେରୀ | ଅନୁସୂଚିତ ଜନ ଜାତି (ST)/ ଅନୁସୂଚିତ ଜାତି (SC) | ଏସଟି= ୩୧୪<br>ଏସସି= ୧୮<br>ଅନ୍ୟାନ୍ୟ = ୦ |

ଯୋଗ୍ୟତା : ପାଦ

୧ ପ୍ରାର୍ଥିନୀ ଆବେଦନ କରୁଥିବା କେନ୍ଦ୍ରାଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୨ ପ୍ରାର୍ଥିନୀ ଙ୍କ ବୟସ ୦୧.୦୧.୨୦୨୬ ରିଖ ସୁଧା ୧୮ ବର୍ଷରୁ କମ କିମ୍ବା ୩୫ ବର୍ଷରୁ ଉର୍ଦ୍ଧ ହୋଇନଥିବ ।

୩ ପ୍ରାର୍ଥିନୀ ଅନ୍ୟୁନ ଦ୍ୱାଦଶ (+୨) ପାସ କିମ୍ବା ତଦୁର୍ଦ୍ଧ ହୋଇଥିବା ଆବଶ୍ୟକ ।

୪. ପ୍ରାର୍ଥିନୀ ଓଡିଆ ମାତୃଭାଷା ଜାଣିଥିବା ବାଧ୍ୟତାମୂଳକ ।

୫. ପ୍ରାର୍ଥିନୀ ମଧ୍ୟମ ବିଦ୍ୟାଳୟରେ (୭ମ) ଶ୍ରେଣୀ ରେ ଓଡିଆ ଭାଷାରେ ପାସ କରିଥିବା ଆବଶ୍ୟକ ।

କିମ୍ବା

ଉଚ୍ଚ ବିଦ୍ୟାଳୟ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଓଡିଆ ମାଧ୍ୟମ ଥାଇ ଅଣଭାଷା ପରୀକ୍ଷାରେ ପାସ ହୋଇଥିବା ଆବଶ୍ୟକ ।

କିମ୍ବା

ଓଡିଶା ସରକାର କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନରୁ ଅଷ୍ଟମ ଶ୍ରେଣୀରେ ଓଡିଆ ଭାଷାରେ ପାସ ହୋଇଥିବା ଆବଶ୍ୟକ ।

କିମ୍ବା

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ପରିଚାଳିତ ମଧ ଇଂରାଜୀ ବିଦ୍ୟାଳୟରୁ ଓଡିଆ ଭାଷାରେ ପାସ ହୋଇଥିବା ଆବଶ୍ୟକ ।

<u>ଆବଶ୍ୟକ ପ୍ରମାଣ ପତ୍ର</u> :

୧. ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ସହି ନକଲ ।(ସମ୍ପୃକ୍ତ ତହସିଲଦାର ଙ୍କ ପ୍ରାପ୍ତ ହୋଇଥିବା ଆବଶ୍ୟକ ) ।

୨. ଜାତିଗତ ପ୍ରମାଣ ପତ୍ର ସହି ନକଲ । (ସମ୍ପୃକ୍ତ ତହସିଲଦାର ଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ ) ।

୩. ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ଓ ମାର୍କସିଟର ସହି ନକଲ ।

୪. ବିଧବା ପ୍ରାର୍ଥିନୀଙ୍କର କ୍ଷେତ୍ରରେ ସ୍ୱାମୀଙ୍କର ମୃତ୍ୟୁ ପ୍ରମାଣପତ୍ରର ସହି ନକଲ ।

୫. ନିର୍ଯାତିତା ଓ ଅନାଥଙ୍କ କ୍ଷେତ୍ରରେ ପଞ୍ଜୀକରଣ ସଂସ୍ଥା ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ର ସହି ନକଲ ।

୬. ଭିନ୍ନକ୍ଷମ ପ୍ରାର୍ଥିନୀଙ୍କର କ୍ଷେତ୍ରରେ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ଭିନ୍ନକ୍ଷମ ପ୍ରମାଣପତ୍ରର ସହି ନକଲ ।
୭. ପରିଚୟ ପ୍ରମାଣପତ୍ର (Voter ID /Aadhar Card /Pan Card )ର ସହି ନକଲ ।
୮ ପ୍ରାର୍ଥିନୀ ନିଜସ୍ୱ ଘୋଷଣାନାମା ପତ୍ର, ସମନ୍ୱିତ ଶିଶୁବିକାଶ ଯୋଜୋନା ପ୍ରକଳ୍ପ କାର୍ଯ୍ୟାଳୟ , ଦାରିଙ୍ଗବାଡି ରୁ ସଂଗ୍ରହ କରି ପ୍ରମାଣପତ୍ର ଯାଞ୍ଚ ଦିନ ଦାଖଲ କରିବେ ।
୯. ପ୍ରାର୍ଥିନୀ ଅଙ୍ଗନୱାଡ଼ିକର୍ମୀଙ୍କ ଠାରୁ କେନ୍ଦ୍ରାଞ୍ଚଳ ବାସିନ୍ଦା ପ୍ରମାଣ ପତ୍ର ଦାଖଲ କରିବା ଆବଶ୍ୟକ ।

ଦରଖାସ୍ତକାରିଣୀ online ରେ ଦାଖଲ କରିଥିବା ପ୍ରମାଣ ପତ୍ରର ମୂଳ ପ୍ରମାଣପତ୍ର ଗୁଡିକ ଯାଞ୍ଚ ପାଇଁ ତା ୨୯.୦୮.୨୦୨୬ ଦିନ ପୂର୍ବାହ୍ନ ୧୦.୩୦ ଘଟିକାରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ, ଦାରିଙ୍ଗବାଡିଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ ।

ମୂଳ ପ୍ରମାଣ ପତ୍ର ଯାଞ୍ଚ ଦିବସରେ ଯଦି କୌଣସି ପ୍ରାକୃତିକ ବିପର୍ଜୟ କିମ୍ବା ଉପରିସ୍ଥ ଧିକାରୀଙ୍କ ଦ୍ୱାରା ଅଚାନକ ଅନ୍ୟ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ପ୍ରାପ୍ତ ହୁଏ ତେବେ ନିର୍ଦ୍ଧାରିତ ତାରିଖ ଓ ସମୟ ପରିବର୍ତ୍ତନ କରାଯାଇପାରେ ।

ବିଂ ଦ୍ର. : ଚୟନ ପୂର୍ବରୁ, ମହିଳା ଓ ଶିଶୁବିକାଶ ବିଭାଗ , ଓଡିଶା ସରକାର ଭୁବନେଶ୍ୱର ଙ୍କ ଦ୍ୱାରା ପ୍ରଣିତ ନୂତନ ନିୟମ ଅତ୍ର କାର୍ଯ୍ୟାଳୟରେ ହସ୍ତଗତ ହେଲେ ଉପଯୁକ୍ତ ସହାୟିକା (AWH) ଚୟନ ପାଇଁ ତାହା ମଧ୍ୟ ବ୍ୟବହାର କରାଯିବ ।

ସନ୍ଧ୍ୟାରାଣୀ ପଣ୍ଡା
12/08/2026
ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ,
ଦାରିଙ୍ଗବାଡି

ପରିପତ୍ର ସଂଖ୍ୟା ୧୦୫୭ ତାରିଖ ୧୨.୦୮.୨୦୨୬

ଏହାର ପାଞ୍ଚକିତା ନକଲ ସମ୍ପୃକ୍ତ ମଣ୍ଡଳ ପରିଦର୍ଶୀକାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ନିର୍ଦ୍ଦେଶ ଦିଆଗଲା କି ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରର ବିଜ୍ଞାପନ ଫଳକ/ ସମ୍ପୃକ୍ତ ଗ୍ରାମର ସୁପ୍ରକଟ ସ୍ଥାନ (conspicuous place)/ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଲଗାଇବେ ଓ ପ୍ରମାଣ ସ୍ୱରୂପ ହସ୍ତାକ୍ଷର ସମ୍ବଳିତ ଚତୁର୍ଥ ନକଲଟି କାର୍ଯ୍ୟାଳୟକୁ ଫେରସ୍ତ କରିବେ ।

ଏହାର ଏକକିତା ନକଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକ /ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଦାରିଙ୍ଗବାଡି/ ଗୋଷ୍ଠୀ ଶିକ୍ଷା ଅଧିକାରୀ , ଦାରିଙ୍ଗବାଡି/ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଦାରିଙ୍ଗବାଡି/ସମ୍ପୃକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ (A.N.M) ଙ୍କ ଅବଗତି ତଥା ସର୍ବ ସାଧାରଣ ଙ୍କ ବହୁଳ ପ୍ରସାର ନିମନ୍ତେ ବିଜ୍ଞାପନ ଫଳକରେ ଲଗାଇବା ପାଇଁ ଅନୁରୋଧ କରାଗଲା ।

ସନ୍ଧ୍ୟାରାଣୀ ପଣ୍ଡା
12/08/2026
ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ
ଦାରିଙ୍ଗବାଡି

ପରିପତ୍ର ସଂଖ୍ୟା ୧୦୫୮ ତାରିଖ ୧୨.୦୮.୨୦୨୬

ଏହାର ଏକକିତା ନକଲ ଉପ –ଜିଲ୍ଲାପାଳ , ବାଲିଗୁଡା /ଜିଲ୍ଲା-ସମାଜ ମଙ୍ଗଳ ଅଧିକାରୀ ,କନ୍ଧମାଳ,ଫୁଲବାଣୀ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସନ୍ଧ୍ୟାରାଣୀ ପଣ୍ଡା
12/08/2026
ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ,
ଦାରିଙ୍ଗବାଡି